# NATIONAL NEWS BULLETIN (ODIA)
## 9 May - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି କର୍ଣ୍ଣାଟକ, ତେଲଙ୍ଗାନା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ
- ସାମାଜିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ଜନସୁରକ୍ଷା ଯୋଜନାର ୧୧ ବର୍ଷ ପୂର୍ତ୍ତି
- ଓଡ଼ିଶାର ୫ ସମେତ ଦେଶର ୪୨ଟି ପଞ୍ଚାୟତକୁ ମିଳିବ ଜାତୀୟ ପଞ୍ଚାୟତ ପୁରସ୍କାର
- ବେଆଇନ ଅର୍ଥ ଦେଣନେଣ ମାମଲାରେ ପଞ୍ଜାବର ମନ୍ତ୍ରୀ ଗିରଫ

ଏବଂ

- ଆଇପିଏଲ୍ କ୍ରିକେଟରେ ଗୁଜୁରାଟ୍ ଟାଇଟାନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି

# ପିଏମ୍-ତେଲଙ୍ଗାନା ଟୁର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ତେଲଙ୍ଗାନାରେ ୧ ହଜାର ୫୩୫ କୋଟି ଟଙ୍କା ମୂଲ୍ୟର ରେଳ ଭିତ୍ତିଭୂମି ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ରେଳ କ୍ଷମତାରେ ସୁଦୃଢ଼ୀକରଣ ଏବଂ ରେଳପଥରେ ଯାତାୟତକୁ ସୁଗମ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ୧୧୮ କିଲୋମିଟର କାଜିପେଟ୍-ବିଜୟୱାଡ଼ା ମଲ୍ଟିଟ୍ରାକିଂ ପ୍ରକଳ୍ପ ଏବଂ ରେଳ ବାଇପାସ୍ ଅଧୀନରେ କାଜିପେଟ୍ ରେଳ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହାଦ୍ୱାରା ଗ୍ରାଣ୍ଡ ଟ୍ରଙ୍କ କରିଡରରେ ଦ୍ରୁତଭାବେ ଟ୍ରେନ୍ ଚଳାଚଳ କରିବା ସହିତ ଭିଡ଼ ହ୍ରାସ କରାଯାଇପାରିବ। ସେହିପରି ଟ୍ରେନ୍ ମାଧ୍ୟମରେ ମାଲ୍ ପରିବହନ ବ୍ୟବସ୍ଥା ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ରେଳ ବାଇପାସ୍ ଅଧୀନରେ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ ହେବାକୁ ଥିବା କାଜିପେଟ୍ ରେଳଦ୍ୱାରା ହାଇଦ୍ରାବାଦ, ବଲ୍ହରସାହ ଏବଂ ବିଜୟୱାଡ଼ାକୁ ଟ୍ରେନ୍ ଚଳାଚଳ ସହଜ ଏବଂ ସୁଗମ ହୋଇପାରିବ। କାଜିପେଟ୍ ଜଙ୍କସନ୍‌ରେ ଭିଡ଼ ହ୍ରାସ ହେବ। ପରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସନ୍ଧ୍ୟାରେ ସିକନ୍ଦରାବାଦ୍‌ସ୍ଥିତ ପ୍ୟାରେଡ୍ ଗ୍ରାଉଣ୍ଡରେ ଜନସଭାରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମଧ୍ୟ କର୍ଣ୍ଣାଟକ ଯିବେ । ପୂର୍ବାହ୍ନ ୧୧ଟାରେ ବେଙ୍ଗାଲୁରୁସ୍ଥିତ ଆର୍ଟ ଅଫ୍ ଲିଭିଂର ୪୫ତମ ବାର୍ଷିକ ସମାରୋହରେ ଶ୍ରୀ ମୋଦୀ ଯୋଗଦେବା ସହ ସେଠାକାର ଆନ୍ତର୍ଜାତିକ କେନ୍ଦ୍ରରେ ନବନିର୍ମିତ ଧ୍ୟାନ ମନ୍ଦିରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ସେଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବେ ।

## ଡବ୍ଲ୍ୟୁବି-ସ୍ୱେରିଙ୍ଗ୍

ବିଜେପି ବିଧାୟକ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଆଜି ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟରେ ତାଙ୍କ ନେତୃତ୍ୱରେ ଏହା ହେଉଛି ପ୍ରଥମ ବିଜେପି ସରକାର । ରାଜ୍ୟପାଳ ଆର୍.ଏନ୍.ରବି କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଶ୍ରୀ ଅଧିକାରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ରାଜ୍ୟପାଳ ଆଜି ମନ୍ତ୍ରିମଣ୍ଡଳର ୫ ଜଣ କ୍ୟାବିନେଟ୍ ମନ୍ତ୍ରୀ ଦିଲ୍ଲୀପ ଘୋଷ, ଅଗ୍ନିମିତ୍ରା ପଲ, ଅଶୋକ କୀର୍ତ୍ତନିଆ, ନିଶିଥ୍ ପ୍ରମାଣିକ ଏବଂ କ୍ଷୁଦିରାମ ଟୁଡୁଙ୍କୁ ମଧ୍ୟ ଶପଥ ପାଠ କରାଇଥିଲେ । ନୂତନ ଭାବେ ନିର୍ବାଚିତ ବିଧାୟକମାନେ ବିଧାନସଭାରେ ଆସନ୍ତା ୧୩ ତାରିଖରେ ଶପଥ ଗ୍ରହଣ କରିବେ । ଆଜିର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଏନ୍.ଡି.ଏ. ତଥା ବିଜେପି

ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ଦଳର ନେତାମାନେ ଅଂଶଗ୍ରହଣ କରିଥିଲେ । ପଶ୍ଚିମବଙ୍ଗରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପି ୨୦୭ଟି ଆସନରେ ବିଜୟଲାଭ କରିଥିବା ବେଳେ ତୃଣମୂଳ କଂଗ୍ରେସ ମାତ୍ର ୮୦ଟି ଆସନ ଲାଭ କରିଥିଲା ।

# ପିଏମ୍-ଡବ୍ଲ୍ୟୁବି ସିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଶୁଭେନ୍ଦୁ ଅଧିକାରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଅଧିକାରୀ ଲୋକମାନଙ୍କ ସହ ଗଭୀରଭାବେ ଯୋଡ଼ି ହୋଇ ରହିଆସିଛନ୍ତି ଏବଂ ଖୁବ୍ ନିକଟରୁ ସେମାନଙ୍କର ଆଶା ଓ ଆକାଂକ୍ଷାକୁ ବୁଝିପାରିଛନ୍ତି । ଶ୍ରୀ ମୋଦୀ ତାଙ୍କର ଶାସନ କାଳ ସମ୍ପୂର୍ଣ୍ଣ ଏବଂ ସଫଳ ପରିଚାଳନା ପାଇଁ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ମନ୍ତ୍ରୀ ଦିଲ୍ଲୀପ ଘୋଷ, ଅଗ୍ନିମିତ୍ରା ପଲ୍,  ଅଶୋକ କୀର୍ତ୍ତନିଆ, କ୍ଷୁଦିରାମ ଟୁଡୁ, ନିଶିଥ୍ ପ୍ରମାଣିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ନେତାମାନେ ତୃଣମୂଳ ସ୍ତରରୁ ଲୋକମାନଙ୍କର ନିରନ୍ତର ସେବା କରି ଆସିଛନ୍ତି ବୋଲି କହିଛନ୍ତି । ସେମାନେ ପଶ୍ଚିମବଙ୍ଗର ବିକାଶ ଯାତ୍ରାକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ଆସ୍ଥା ପ୍ରକଟ କରିଛନ୍ତି ।

## ଟିଏନ୍– ଗଭ୍ ଫର୍ମେସନ୍

ତାମିଲନାଡୁରେ ନୂତନ ସରକାର ଗଠନ ପାଇଁ ଟିଭିକେ ସପକ୍ଷରେ ୧୨୦ ଜଣ ବିଧାୟକଙ୍କ ସମର୍ଥନ ରହିଥିବା ସି.ଯୋଶେଫ ବିଜୟ ଦାବି କରିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଟି.ଭି.କେ. ସର୍ବାଧିକ ୧୦୮ଟି ଆସନରେ ବିଜୟୀ ହୋଇ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଛି। ଟିଭିକେ ପକ୍ଷରୁ କୁହାଯାଇଛି, ଉଭୟ ଭି.ସି.କେ. ଏବଂ ଆଇ.ୟୁ.ଏମ୍.ଏଲ୍ ତାଙ୍କ ସରକାର ଗଠନ ସପକ୍ଷରେ ନିଃସର୍ତ୍ତ ସମର୍ଥନ ଜଣାଇଛନ୍ତି।

## ସୀତାରମଣ– ଜନସୁରକ୍ଷା

ସମଗ୍ର ଦେଶରେ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଏବଂ ଅଟଳ ପେନସନ୍ ଯୋଜନାର ୧୧ ବର୍ଷ ପୂର୍ତ୍ତି ହୋଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ସବୁ ଯୋଜନା ବିଶେଷ କରି ସମାଜର ଅବହେଳିତ ଲୋକଙ୍କୁ ଆର୍ଥିକ  ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ କାର୍ଯ୍ୟକାରୀ କରାଯାଇଥିଲା। ଯୋଜନାଗୁଡ଼ିକ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବୀମା ଏବଂ

ପେନସନ୍ ସୁବିଧା ଯୋଗାଇଦେବା ନିମନ୍ତେ ପିଏମ୍ ଜୀବନଜ୍ୟୋତି ବୀମା ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ୍ ଯୋଜନାକୁ ନେଇ ଜନସୁରକ୍ଷା ଯୋଜନାର ଶୁଭାରମ୍ଭ କରିଥିଲେ। ପିଏମ୍ ଜୀବନଜ୍ୟୋତି ବୀମା ଯୋଜନା ଅଧୀନରେ ୨୭ କୋଟିରୁ ଊର୍ଦ୍ଧ୍ୱ, ପିଏମ୍ ସୁରକ୍ଷା ବୀମା ଯୋଜନା ଅଧୀନରେ ୫୮ କୋଟି ଏବଂ ଅଟଳ ପେନସନ୍ ଯୋଜନା ଅଧୀନରେ ୯ କୋଟି ହିତାଧିକାରୀ ନାମ ପଞ୍ଜୀକରଣ କରିଥିବା ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି।

## ନ୍ୟାସନାଲ ପଞ୍ଚାୟତ ଆୱାର୍ଡସ

ସରକାରଙ୍କ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି। ଆସନ୍ତା ମାସ ୩ ତାରିଖରେ ନୂଆଦିଲ୍ଲୀରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତରାଜ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କର୍ଣ୍ଣାଟକର ସର୍ବାଧିକ ୬ଟି ପଞ୍ଚାୟତ ଏହି ପୁରସ୍କାର ପାଇବା ଲାଗି ଚୟନ ହୋଇଛନ୍ତି। ଏହା ପରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ୫ଟି ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ସୂଚନା ମିଳିଛି। ଦିନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଦୁଇଟି ବର୍ଗରେ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ।

ଦାରିଦ୍ର୍ୟମୁକ୍ତ ଜୀବନଶୈଳୀ, ସ୍ୱାସ୍ଥ୍ୟ, ପରିମଳ, ସାମାଜିକ, ନ୍ୟାୟ, ମହିଳା ଅନୁକୂଳ ଶାସନ ବ୍ୟବସ୍ଥା ସମେତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ଦିନଦୟାଲ ଉପାଧ୍ୟାୟ ପୁରସ୍କାରରେ ସମ୍ମାନିତ କରାଯିବ। ଏହି ବର୍ଗରେ ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମୁଦାୟ ୩୪ଟି ଗ୍ରାମ ପଞ୍ଚାୟତକୁ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଅଧୀନରେ ପ୍ରଦାନ କରାଯାଉଥିବା ସମ୍ମାନ ଜିଲ୍ଲା ବ୍ଲକ ଏବଂ ଗ୍ରାମସ୍ତରରେ ଉତ୍ତମ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ପ୍ରଦାନ କରାଯିବ। ଏହି ବର୍ଗରେ ୮ଟି ପଞ୍ଚାୟତକୁ ମନୋନୀତ କରାଯାଇଛି। ସେଥିରେ ତିନୋଟି ଜିଲ୍ଲା ପଞ୍ଚାୟତ, ଦୁଇଟି ବ୍ଲକ ପଞ୍ଚାୟତ ଏବଂ ତିନୋଟି ଗ୍ରାମ ପଞ୍ଚାୟତ ରହିଛି।
ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବିଜୟୀ ପଞ୍ଚାୟତଗୁଡ଼ିକୁ ୫୦ ଲକ୍ଷରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନର ପଞ୍ଚାୟତ ପ୍ରୋତ୍ସାହନ ସହାୟତା ଯୋଜନା  ଅଧୀନରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ସୋମନାଥ ଅମ୍ରିତ ପର୍ବ

ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ପୁନଃ ନିର୍ମାଣର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ସୋମନାଥ ଅମୃତ ପର୍ବ ୨୦୨୬' ପାଳନ କରାଯାଉଛି । ୫

ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ମନ୍ଦିରର ଐତିହାସିକ ଗୁରୁତ୍ୱ ଏବଂ ସ୍ଥାୟୀ ଐତିହ୍ୟକୁ ପ୍ରତିପାଦନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଦିନ ସୋମନାଥ ମନ୍ଦିର ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିରରେ ବିଶେଷ ମହାପୂଜାରେ ଅଂଶଗ୍ରହଣ କରିବା ସହିତ ୧୧ଟି ପବିତ୍ର ତୀର୍ଥସ୍ଥଳୀରୁ ଆସିଥିବା ଜଳକୁ ମନ୍ଦିର ଶିଖରରେ କୁମ୍ଭାଭିଷେକ ଏବଂ ଧ୍ୱଜାରୋହଣ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଇଡି- ସଞ୍ଜୀବ ଆରୋରା

ବେଆଇନ୍ ଅର୍ଥ ଦେଣନେଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୀବ ଅରୋରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗିରଫ କରାଯାଇଛି । ନିର୍ଦ୍ଦେଶାଳୟ ପକ୍ଷରୁ ଆଜି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଚଣ୍ଡିଗଡ଼ର ୫ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ବେଆଇନ୍ ଅର୍ଥ କାରବାର ଆଇନ୍–୨୦୦୨ ଅନୁସାରେ ତାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି । ଶ୍ରୀ ଅରୋରା ପ୍ରାୟ ୧୦୦ କୋଟି ଟଙ୍କାର ମୋବାଇଲ୍ ଫୋନ୍ କିଣା ଜାଲ୍ ରସିଦ୍ ପଇଠ କରି ଜାଲ୍ କମ୍ପାନୀ ମାଧ୍ୟମରେ ଇନପୁଟ୍ ଜି.ଏସ୍.ଟି. ଟଙ୍କା ହଡ଼ପ କରିଥିବା ନିର୍ଦ୍ଦେଶାଳୟ ପକ୍ଷରୁ ଅଭିଯୋଗ ହୋଇଛି ।

## ପିଏମ୍‌ଜିଏସୱାଇ ସିଲଭର ଜୁବ୍‌ଲି

ମଧ୍ୟପ୍ରଦେଶର ସିହୋର ଜିଲ୍ଲା ଭୈରୁଣ୍ଡାଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ ଏବଂ ୨୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ୯୭୩ଟି ସଡ଼କ ପ୍ରକଳ୍ପର ଅନୁମୋଦନ ଏବଂ ଅର୍ଥ ଆବଣ୍ଟନପତ୍ର ପ୍ରଦାନ କରାଯିବ।  ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ମଧ୍ୟପ୍ରଦେଶର ୯୮୭ଟି ଗ୍ରାମର ଲୋକମାନେ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସମୁଦାୟ ୩୮୪ କିଲୋମିଟର ଦୈର୍ଘ୍ୟରୁ ଊର୍ଦ୍ଧ୍ୱ ସଡ଼କ ନିର୍ମାଣକୁ ମଞ୍ଜୁରି ପ୍ରଦାନ କରାଯିବ। ଏଥିରେ ପଛୁଆ ଅଞ୍ଚଳର ୧୬୮ଟି ଗ୍ରାମାଞ୍ଚଳର ଲୋକମାନେ ଉପକୃତ ହେବେ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସମୁଦାୟ ୧୮ ହଜାର ୯୦୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ଡବ୍ଲ୍ୟୁଏଫ୍‌ଆଇ- ଭିନେଶ ଫୋଗଟ୍

ନିଷିଦ୍ଧ ଔଷଧ ସେବନ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ମହିଳା କୁସ୍ତି ଖେଳାଳି ଭିନେଶ ଫୋଗଟ୍‌ଙ୍କୁ ଭାରତୀୟ କୁସ୍ତି ମହାସଂଘ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଚଳିତ ବର୍ଷ ଜୁନ୍ ୨୬ ତାରିଖ

ପର୍ଯ୍ୟନ୍ତ ଘରୋଇ କୁସ୍ତି ପ୍ରତିଯୋଗିତାରେ ଭାଗ ନେବା ଉପରେ ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି ବୋଲି ମହାସଂଘ ପକ୍ଷରୁ ଜାରି ନୋଟିସ୍‌ରେ ଦର୍ଶାଯାଇଛି। କୁସ୍ତି ମହାସଂଘ ପକ୍ଷରୁ ଦିଆଯାଇଥିବା ନୋଟିସରେ ଭିନେଶ ଫୋଗଟ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଯୋଗ୍ୟ ଘୋଷିତ ହେବା ଏବଂ ଡୋପିଂ ଟେଷ୍ଟରେ ଅସଫଳ ହେବା ଆଦି ସମ୍ପର୍କରେ କାରଣ ଦର୍ଶାଇବାକୁ ଭାରତୀୟ କୁସ୍ତି ସଂଘ ତାଙ୍କୁ ନୋଟିସ୍ ଦେଇଛନ୍ତି। ଏହାର ଉତ୍ତର ଦେବାକୁ ତାଙ୍କୁ ୧୪ଦିନ ସମୟ ଦିଆଯାଇଛି।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।